# NATIONAL NEWS BULLETIN (ODIA)

**24 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ ଦାନା ଆଜି ମଧ୍ୟରାତ୍ରିରୁ ଆସନ୍ତାକାଲି ସକାଳ ମଧ୍ୟରେ ସ୍ଥଳଭାଗ ସ୍ପର୍ଶ କରିବା ସୂଚନା

- ରିଲିଫ ଓ ଉଦ୍ଧାର କାର୍ଯ୍ୟ ନିମନ୍ତେ ନୌସେନା ପ୍ରସ୍ତୁତ

- ଭାରତ ତିବ୍ବତ ସୀମା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଆଜିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ ଜର୍ମାନ୍ ଚାନ୍ସେଲର ଓଲାଫ୍ ସ୍କଲଜ୍

- ସାରା ଦେଶରେ ଡିଏପି ସାର ଅଭାବ ସମ୍ପର୍କିତ ଖବରକୁ ଖଣ୍ଡନ କଲେ କେନ୍ଦ୍ର ସରକାର ।

ଏବଂ

- ପୁଣେଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଛି ନ୍ୟୁଜିଲାଣ୍ଡ ।

# ଦାନା-ଓଡ଼ିଶା

ବାତ୍ୟା ଦାନା ଆଜି ରାତିରୁ ଆସନ୍ତାକାଲି ସକାଳ ମଧ୍ୟରେ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପ୍ରବେଶ କରିବ। ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଆକାଶବାଣୀକୁ କହିଛନ୍ତି ଯେ ବାତ୍ୟା ଦାନା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ। ଏହାର ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି ଓ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହାର ପରିମାଣ ବୃଦ୍ଧି ପାଇବ।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଦାନା ଗତ ୬ ଘଣ୍ଟା ମଧ୍ୟରେ ୧୨ କିଲୋମିଟର ବେଗରେ ଅଗ୍ରସର ହେଉଛି । ବାତ୍ୟା ଦାନା ଏବେ ପାରାଦ୍ୱୀପଠାରୁ ୨୧୦ କିଲୋମିଟର ଦକ୍ଷିଣପୂର୍ବ, ଧାମରାଠାରୁ ୨୪୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବ ଏବଂ ସାଗରଦ୍ୱୀପଠାରୁ ୩୧୦ କିଲୋମିଟର ଦକ୍ଷିଣରେ କେନ୍ଦ୍ରୀଭୂତ ରହିଛି ।

ବାତ୍ୟା ଦାନା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତିକରି ଆଜି ମଧ୍ୟରାତ୍ରିରୁ ଆସନ୍ତାକାଲି ସକାଳ ମଧ୍ୟରେ ପୁରୀ ଓ ସାଗରଦ୍ୱୀପ ମଧ୍ୟରେ ଅତିକ୍ରମ କରିବ । ସେହିସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିବାର ସମ୍ଭାବନା ରହିଛି ।

..........................................................................

# ନ୍ୟାଭି-ସାଇକ୍ଲୋନ ଦାନା

ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଦାନା'କୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ମାନବୀୟ ସହାୟତା ଓ ରିଲିଫ ଅଭିଯାନ ନିମନ୍ତେ ପ୍ରସ୍ତୁତ ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବାତ୍ୟା ଯୋଗୁଁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ପ୍ରମୁଖ ସ୍ଥାନ ଗୁଡ଼ିକରେ ପାନୀୟଜଳ, ଖାଦ୍ୟ, ଔଷଧ ଏବଂ ଜରୁରୀକାଳୀନ ରିଲିଫ ସାମଗ୍ରୀ ପ୍ରସ୍ତୁତ କରି ରଖାଯାଇଛି । ଏହାଛଡା ଆବଶ୍ୟକ ସ୍ଥଳେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବା ପାଇଁ ବିଭିନ୍ନ ଟିମ୍‌କୁ ମୁତୟନ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମୁଦ୍ର ମଧ୍ୟରୁ ରିଲିଫ କାର୍ଯ୍ୟରେ ସହଯୋଗ କରିବା ପାଇଁ ଇଷ୍ଟର୍ଣ୍ଣ ଫ୍ଲିଟ୍‌ର ଦୁଇଟି ଜାହାଜ ଉଦ୍ଧାରକାରୀ ଦଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ସହ ପ୍ରସ୍ତୁତ ରହିଛି । ନୌସେନାକୁ ହାଇଆଲର୍ଟରେ ରଖାଯାଇଛି ଏବଂ ଯେକୌଣସି ସମୟରେ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବା ଲାଗି ନୌସେନା ପ୍ରସ୍ତୁତ ରହିଛି ।

# ପିଏମ୍-ଆଇଟି ବିପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଟିବିପିର ହିମବିର ଏବଂ ସେମାନଙ୍କ ପରିବାରକୁ ଭାରତ-ତିବତ ସୀମା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଇଟିବିପି ଜନସାଧାରଣଙ୍କ ସୁରକ୍ଷା ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛି ଏବଂ ଆହ୍ୱାନପୂର୍ଣ୍ଣ ଅଞ୍ଚଳ ଓ କଠିନ ଜଳବାୟୁ ପରିସ୍ଥିତିରେ

ଉନ୍ନତ ପ୍ରଦର୍ଶନ କରୁଛି । ପ୍ରାକୃତିକ ବିପର୍ଯ୍ୟୟ ଏବଂ ଉଦ୍ଧାର କାର୍ଯ୍ୟ ସମୟରେ ଆଇଟିବିପିର ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ଜର୍ମାନ୍ ଚାନ୍ସେଲର - ଇଣ୍ଡିଆ

ଜର୍ମାନ୍ ଚାନ୍ସେଲର ଓଲାଫ୍ ସ୍କଲଜ୍ ଆଜିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଶ୍ରୀ ସ୍କଲଜ୍ ଆସନ୍ତା ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସପ୍ତମ ଆନ୍ତଃ ସରକାରୀ ପରାମର୍ଶ - ଆଇ.ଜି.ସି. ବୈଠକରେ ସହ-ଅଧ୍ୟକ୍ଷତା କରିବେ । ଆଇ.ଜି.ସି. ହେଉଛି ଉଭୟ ଦେଶର ସରକାରୀ ସ୍ତରର ଏକ ମିଳିତ କାର୍ଯ୍ୟ ମଞ୍ଚ, ଯେଉଁଠାରେ କି ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ତଥା ସମ୍ପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶର ସମ୍ପୃକ୍ତ ମନ୍ତ୍ରୀମାନେ ଆଲୋଚନା କରି ଏହାର ଫଳାଫଳ ନିଜର ପ୍ରଧାନମନ୍ତ୍ରୀ ଏବଂ ଚାନ୍ସେଲରଙ୍କୁ ଅବଗତ କରାଇଥାନ୍ତି ।

ଏହାଛଡ଼ା ଶ୍ରୀ ମୋଦୀ ଏବଂ ଶ୍ରୀ ସ୍କଲଜ୍ ଏହି ଅବସରରେ ଉଭୟ ଦେଶ ମଧ୍ୟରେ ସବୁଜ ଏବଂ ସ୍ଥାୟୀ ବିକାଶ ଭାଗିଦାରୀର ସଫଳ କାର୍ଯ୍ୟକାରିତା, ନିରାପତ୍ତା ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ଅର୍ଥନୈତିକ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ  ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଉଭୟ ନେତା ଜର୍ମାନ ବ୍ୟବସାୟର ଅଷ୍ଟାଦଶ ଏସିଆ ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ଭାରତ-ପ୍ରଶାନ୍ତ ମହାସାଗରୀୟ ଦେଶ ସମେତ ଜର୍ମାନ୍‌ର ମଧ୍ୟ ବହୁ ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀ, ରାଜନୈତିକ ପ୍ରତିନିଧି ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଏହି ସମ୍ମିଳନୀରେ ଯୋଗଦେବେ । ଏହା ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ ।

# ବିଜେପି ବାଇ ପୋଲ୍ସ

ରାଜସ୍ଥାନର ଗୋଟିଏ ଏବଂ ଉତ୍ତରପ୍ରଦେଶର ୭ଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନ ନିମନ୍ତେ ବିଜେପି ପ୍ରାର୍ଥୀ ତାଲିକା ଜାରି କରିଛି। ଦଳ ରାଜସ୍ଥାନର ଚୋରାସୀ ଆସନରୁ କରିଲାଲ ନାନୋମାଙ୍କୁ ପ୍ରାର୍ଥୀ କରିଥିବାବେଳେ ସଞ୍ଜୀବ ଶର୍ମା ଗାଜିଆବାଦ ଆସନରୁ, ସୁଚିସ୍ମିତା ମୌର୍ଯ୍ୟଙ୍କୁ ମାଝୱାନ ଏବଂ ଦୀପକ ପଟେଲଙ୍କୁ ଉତ୍ତରପ୍ରଦେଶର ଫୁଲପୁର ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରାଯାଇଛି।

---

# ଗଭ୍-ଡିଏପି

ସାରା ଦେଶରେ ଡିଏପି ସାରର ଅଭାବ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ଖବରକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି । କେନ୍ଦ୍ର ସରକାର କହିଛନ୍ତି ଏଭଳି ରିପୋର୍ଟ ବିଭ୍ରାନ୍ତିକର ଏବଂ ତଥ୍ୟବିହୀନ। ଏକ ପ୍ରେସ୍ ବିଜ୍ଞପ୍ତିରେ ରାସାୟନିକ ଓ ସାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଡିଏପି ଉପରେ ସବସିଡି ଆଦୌ ହ୍ରାସ କରାଯାଇନାହିଁ ଏବଂ ଏହାର ସର୍ବାଧିକ ଖୁଚୁରା ମୂଲ୍ୟ କୋଭିଡ୍ ସମୟରୁ ୫୦ କିଲୋଗ୍ରାମ ବ୍ୟାଗ୍ ପିଛା ଏକ ହଜାର ୩୫୦ ଟଙ୍କା ରଖାଯାଇଛି। କୃଷକଙ୍କ ସୁବିଧା ପାଇଁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ଦ୍ୱାରା ୨୦୨୪ ରବି ଫସଲ ପାଇଁ ଡିଏପିର ସବସିଡି ବୃଦ୍ଧି କରାଯାଇଛି। ଏହାବ୍ୟତୀତ ୨୦୨୪-୨୦୨୫ ରବି ଫସଲ ପାଇଁ ମୋଟ ବଜେଟ୍ ଆବଣ୍ଟନକୁ ୨୪ ହଜାର ୪୭୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ କେତେକ ଭୂ-ରାଜନୈତିକ କାରଣ ଯୋଗୁଁ ଡିଏପିର ଉପଲବ୍ଧତା କିଛି ମାତ୍ରାରେ ପ୍ରଭାବିତ ହୋଇଛି ବୋଲି ମନ୍ତ୍ରଣାଳୟ କହିଛି।

ଚଳିତ ବର୍ଷ ସେପଟ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ସାର ବିଭାଗ ପକ୍ଷରୁ ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇଁ ବ୍ୟାପକ ପ୍ରୟାସ କରାଯାଇଛି ।

## ପଟେଲ୍ ଜୟନ୍ତୀ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ୨୦୨୪ରୁ ୨୦୨୬ ମସିହା ପର୍ଯ୍ୟନ୍ତ ଦୁଇବର୍ଷ ଧରି ଦେଶବ୍ୟାପୀ ପାଳନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା ଏବଂ କାଶ୍ମୀରରୁ ଲାକ୍ଷାଦ୍ୱୀପ ପର୍ଯ୍ୟନ୍ତ ଭାରତକୁ ଏକାଠି କରିବା ଦିଗରେ ସର୍ଦ୍ଦାର ପଟେଲ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବିସ୍ମରଣୀୟ । ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଦୁଇ ବର୍ଷ ଧରି ଦେଶବ୍ୟାପୀ ଏହି ଉତ୍ସବ ପାଳନ କରିବେ । ଏହି ଉତ୍ସବ ସର୍ଦ୍ଦାର ପଟେଲ୍‌ଙ୍କ ଉଲ୍ଲେଖନୀୟ ସଫଳତା ଏବଂ ଦେଶର ଅଖଣ୍ଡତା ଲାଗି ଥିବା ତାଙ୍କ ଭାବନା ପ୍ରତି ଏକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

## ପରଲୋକ

ଆକାଶବାଣୀ ସମାଚାରର ପୂର୍ବତନ ମହାନିର୍ଦ୍ଦେଶକ ପିକେ ବନ୍ଦୋପାଧ୍ୟାୟଙ୍କର ଗତକାଲି ପରଲୋକ ହୋଇଛି। କୋଲକାତାରେ ହୃଦଘାତରେ ପରଲୋକ ହୋଇଥିବା ଜଣାପଡିଛି । ପୂର୍ବତନ ଭାରତୀୟ ସୂଚନା ସେବା ଅଧିକାରୀ ଡ. ବନ୍ଦୋପାଧ୍ୟାୟ ଆକାଶବାଣୀ ସମାଚାର, ପିଆଇବି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟରେ ସେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିଲେ।

# ଇଣ୍ଡିଆନ୍ ମେନ୍ ହକି

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାସନାଲ ଷ୍ଟାଡିୟମରେ ଆଜି ଅପରାହ୍ଣରେ ଦୁଇ ମ୍ୟାଚ୍ ବିଶିଷ୍ଟ ହକି ଦ୍ୱିପାକ୍ଷିକ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଓ ଜର୍ମାନ ମଧ୍ୟରେ ମୁକାବିଲା ହେବ । ଆଉ କିଛିସମୟ ପରେ ଏହି ମ୍ୟାଚ୍ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍‌ରେ ଗତକାଲି ଜର୍ମାନ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା । ଗତକାଲି ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଜର୍ମାନ୍‌ର ହେନରିକ ମଟଜେନ୍ସ ଏବଂ ୩୦ମିନିଟ୍‌ରେ ଅଧିନାୟକ ଲୁକାସ୍ ୱିଣ୍ଡ୍ ଫେଡର ଗୋଲ୍ କରିଥିଲେ ।

---

# କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆଜିଠାରୁ ପୁଣେଠାରେ ଆରମ୍ଭ ହୋଇଛି । ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ନ୍ୟୁଜିଲାଣ୍ଡ ୫୮ ଓଭରରେ ୩ ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଛି । ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ସକାଳ ସାଢ଼େ ୯ଟା ସମୟରେ ଏହି ମ୍ୟାଚ୍ ଆରମ୍ଭ ହୋଇଛି । ଉଭୟ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଛି । ଏଥିସହିତ ନ୍ୟୁଜିଲାଣ୍ଡ ୧-୦ରେ ଏହି ସିରିଜ୍ ଅଗ୍ରଣୀ ରହିଛି ।

---

# ରେସଲିଂ-ବ୍ରୋଞ୍ଜ

ଆଲବେନିଆର ତିରାନାଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନସିପରେ ଭାରତର ବିଶ୍ୱଜିତ ରାମଚନ୍ଦ୍ର ମୋରେ କାଂସ୍ୟ

ପଦକ ଜିତିଛନ୍ତି। ପୁରୁଷ ୫୫ କିଲୋଗ୍ରାମ ଗ୍ରେକୋ-ରୋମାନ ବର୍ଗରେ ମୋରେ ୧୪-୧୦ରେ ଆଡାମ ଉଲବାସେଭଙ୍କୁ ପରାସ୍ତ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଏହା ଭାରତର ପ୍ରଥମ ପଦକ। ଇରାନର ଅଲି ଅବ୍ଦୋଲ୍ଲା ଅହମ୍ମଦୀ ଓ୍ୱଫା ସ୍ୱର୍ଣ୍ଣ, ରସାଦ ମାମ୍ମାଡୋଭ ରୌପ୍ୟ ପଦକ ଜିତିଥିବା ବେଳେ ଜାପାନର କୋହେଇ ୟାମାଗିଓ୍ୱା ମୋରେଙ୍କ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି।

ଏହା ପୂର୍ବରୁ ମହିଳା ଅଣଷଠି କିଲୋଗ୍ରାମ ବର୍ଗରେ ଭାରତର ଅଞ୍ଜଳି ଫାଇନାଲରେ ପ୍ରବେଶ କରିଥିଲେ। ସେ ଗତକାଲି ସେମିଫାଇନାଲରେ ଇଟାଲୀର ଅରୋରା ରୁସୋଙ୍କୁ ୪-୦ରେ ପରାସ୍ତ କରିଥିଲେ। ଆଜି ରାତିରେ ଫାଇନାଲରେ ଅଞ୍ଜଳି ଓ ୟୁକ୍ରେନର ସୋଲିମିଆ ଓ୍ୱିନିକ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

........................................................................................